# NATIONAL NEWS BULLETIN (ODIA)

**30 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ସମାବେଶୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି କେନ୍ଦ୍ର ସରକାର

  - କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- କେରଳର ପାହାଡ଼ିଆ ଅଞ୍ଚଳ ୱାୟନାଡରେ ଲଗାଣ ବର୍ଷା ଯୋଗୁଁ ଭୂ-ସ୍ଖଳନ, ୩୬ଜଣଙ୍କ ମୃତ୍ୟୁ ସୂଚନା ।

- ଝାଡ଼ଖଣ୍ଡରେ ହାଓଡା ମୁମ୍ବାଇ ମେଲ୍‌ର ୧୮ଟି ବଗି ଲାଇନ୍‌ଚ୍ୟୁତ, ୨ ଯାତ୍ରୀଙ୍କ ମୃତ୍ୟୁ ସୂଚନା ।

- ପ୍ୟାରିସ୍ ଅଲମ୍ପିକ୍ସରେ ଦଳଗତ ପର୍ଯ୍ୟାୟରେ ବନ୍ଧୁକ ଚାଳନାରେ ଦ୍ୱିତୀୟ ବ୍ରୋଞ୍ଜ ପଦକ ଜିତିଲା ଭାରତ ।

ଏବଂ

- ଟି-୨୦ କ୍ରିକେଟ୍ ଶୃଙ୍ଖଳାରେ ଆଜି ଅନ୍ତିମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଭାରତ ଓ ଶ୍ରୀଲଙ୍କା ।

---

# ପିଏମ୍-ବଜେଟ୍ କନ୍‌ଫରେନ୍ସ

ଦେଶର ଜିଡିପି ୮ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବା ପାଇଁ ଆଉ ବେଶୀଦିନ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ କେନ୍ଦ୍ରୀୟ ବଜେଟ୍ ସମ୍ପର୍କିତ ବିକଶିତ ଭାରତ ଅଭିମୁଖେ ଯାତ୍ରା-ଶୀର୍ଷକ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ମହାମାରୀ ସହ ଲଢ଼ିବା ପରେ ମଧ୍ୟ ଭାରତ ବିକାଶର ଉଚ୍ଚସ୍ତରରେ ପହଞ୍ଚିଛି । ସମାବେଶୀ ବିକାଶ ଲକ୍ଷ୍ୟରେ ସରକାର ସମସ୍ତ କ୍ଷେତ୍ର ଉପରେ ଗୁରୁତ୍ୱ ଦେଉଛନ୍ତି । ସରକାର ଯେଉଁ ଗତିରେ ଏବଂ ବ୍ୟାପକଭାବେ ଭିତ୍ତିଭୂମି ନିର୍ମାଣ କରୁଛନ୍ତି ତାହା ଅଭୂତପୂର୍ବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି ପୁଞ୍ଜିବ୍ୟୟକୁ ସମ୍ବଳ ନିବେଶର ସବୁଠାରୁ ବଡ ଉତ୍ପାଦନକ୍ଷମ ମାଧ୍ୟମ ବୋଲି କୁହାଯାଏ । ୨୦୦୪ରେ ୟୁପିଏ ସରକାର ଅମଳରେ ପ୍ରଥମ ବଜେଟ୍‌ରେ ପୁଞ୍ଜିଗତ ବ୍ୟୟ ପାଖାପାଖି ୯୦ହଜାର କୋଟି ଟଙ୍କା ଥିଲା । ଏହା ୨୦୧୪ରେ ୨ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଏବେ ଏହି ପୁଞ୍ଜିଗତ ବ୍ୟୟ -କେପେକ୍ସ ପରିମାଣ ୧୧ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତ ବଜେଟ୍‌ର ଆକାର ୩ଗୁଣ ବୃଦ୍ଧି ପାଇ ୪୮ଲକ୍ଷ କୋଟି ଟଙ୍କା ହୋଇଛି ।

ସରକାର ମନ୍ତ୍ରଣାଳୟ ଗୁଡ଼ିକୁ ଆବଣ୍ଟନରେ ରେକର୍ଡ ବୃଦ୍ଧି କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଭାରତ ହେଉଛି ଏକମାତ୍ର ଦେଶ,

ଯେଉଁଠାରେ ଉଚ୍ଚ ଅଭିବୃଦ୍ଧି ଏବଂ ସ୍ୱଳ୍ପ ମୁଦ୍ରାସ୍ଫୀତି ପରିଲକ୍ଷିତ ହୋଇଛି । ଗତ ୧୦ବର୍ଷ ମଧ୍ୟରେ ୨୫କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି । ସହଜ ଜୀବନଯାପନ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ନିଯୁକ୍ତି ସୃଷ୍ଟି କରୁଥିବା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ସରକାର ନିଜର ସମସ୍ତ ନାଗରିକଙ୍କ ପାଇଁ ସହଜ ଜୀବନଧାରଣ ଏବଂ ଗୁଣାତ୍ମକ ଜୀବନ ସୁନିଶ୍ଚିତ କରୁଛନ୍ତି । ଆଜି ଭାରତର ନୀତି, ସମର୍ପଣ, ସଂକଳ୍ପ ଏବଂ ନିଷ୍ପତ୍ତି ସାରା ବିଶ୍ୱକୁ ଦେଶରେ ନିବେଶ କରିବା ପାଇଁ ଆକୃଷ୍ଟ କରୁଛି । ଭାରତ ଆଜି ଅଭିବୃଦ୍ଧି ଓ ସ୍ଥିରତାର ଆଲୋକବର୍ତ୍ତିକା ସାଜିଛି । ତାଙ୍କ ସରକାର ସ୍ପଷ୍ଟ ଉଦ୍ଦେଶ୍ୟ ଓ ପ୍ରତିବଦ୍ଧତା ଆଧାରରେ ବିକାଶ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭାରତୀୟ ଶିଳ୍ପ ମହାସଂଘ-ସିଆଇଆଇ ଦ୍ୱାରା ଆଜି ଦିବସବ୍ୟାପୀ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଅଭିବୃଦ୍ଧି ପାଇଁ ସରକାରଙ୍କ ବୃହତ୍ ଦୃଷ୍ଟିକୋଣ ଏବଂ ଏହି ପ୍ରୟାସରେ ଶିଳ୍ପର ଭୂମିକା ପାଇଁ ରୂପରେଖ ଉପସ୍ଥାପନ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ରହିଛି ।

## ୱାୟନାଡ-ଭୂସ୍ଖଳନ

କେରଳର ପାହାଡ଼ିଆ ଅଞ୍ଚଳ ୱାୟନାଡ ଜିଲ୍ଲାର ମୁଣ୍ଡକାଇ, ଅଟାମାଲା ଏବଂ ଚୁରାମାଲା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଭୂ-ସ୍ଖଳନ

ଘଟି ଆଜି ସକାଳେ ୩୬ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଭୂ-ସ୍ଖଳନରେ ଗୁରୁତର ଆହତ ହୋଇ ୬୬ରୁ ଅଧିକ ଲୋକ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଚାଲିଜାର ନଦୀରେ ଆକସ୍ମିକ ବନ୍ୟା ଆସିବାରୁ ଭାସିଯାଇ ପ୍ରାଣ ହରାଇଥିବା ୧୦ଜଣଙ୍କ ମୃତଦେହକୁ ମାଲାପୁରମ ଜିଲ୍ଲାର ପୋଥୁକଲଠାରେ ଉଦ୍ଧାର କରାଯାଇଛି । ବନ୍ୟା ଓ ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳରେ ଆହୁରି ଅନେକ ଲୋକ ଫସି ରହିଥିବା ଅନୁମାନ କରାଯାଉଛି । ଭୂ-ସ୍ଖଳନ ଘଟିଥିବା ଅଞ୍ଚଳରେ ଅନେକ ଘର ଓ ଯାନବାହନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ମୁଣ୍ଡକାଇ ଅଞ୍ଚଳ ୱାୟନାଡ ଜିଲ୍ଲାର ଅବଶିଷ୍ଟ ଭାଗରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ମୁଣ୍ଡକାଇ ଅଞ୍ଚଳ ସହିତ ମୁଖ୍ୟ ସଂଯୋଗ କରୁଥିବା ଚୁରକଲରେ ଥିବା ଏକ ସେତୁ ଧୋଇଯାଇଛି । ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସଶସ୍ତ୍ର ବାହିନୀର ସହାୟତା ଲୋଡିଛନ୍ତି । ଉଦ୍ଧାର କାର୍ଯ୍ୟରେ କୋଜିକୋଡେ ଏବଂ କନ୍ନୁରରୁ ସେନା କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ତାମିଲନାଡୁର ବେଙ୍ଗାଲୁରୁ ଏବଂ ଆରାକୋନମରୁ ଏନ୍‌ଡିଆର୍‌ଏଫ୍‌ର ଅଧିକ ଦଳ ଆଜି ବିଳମ୍ବିତ ରାତିରେ ୱାୟନାଡରେ ପହଞ୍ଚିବା ଆଶା କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ପ୍ରତ୍ୟେକ ମୃତକଙ୍କ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି । ଆହତମାନଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପୁର୍ନରୁଦ୍ଧାର ଏବଂ ଥଇଥାନ କାର୍ଯ୍ୟରେ କେନ୍ଦ୍ର ପକ୍ଷରୁ ସମସ୍ତ

ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନିରାଇ ବିଜୟନଙ୍କ ସହ କଥାହୋଇ ପ୍ରଧାନମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ।

ଭୂ-ସ୍ଖଳନ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକପ୍ରକାଶ କରିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଭୂ-ସ୍ଖଳନ ଘଟଣାରେ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ଝାଡ଼ଖଣ୍ଡ-ରେଳ ଦୁର୍ଘଟଣା

ଝାଡ଼ଖଣ୍ଡରେ ହାଓଡା-ମୁମ୍ବାଇ ମେଲ୍‌ର ୧୮ଟି ବଗି ଲାଇନ୍‌ଚ୍ୟୁତ ହେବା ଫଳରେ ୨ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଆଜି ସକାଳେ ବଡବାମ୍ବୋ ଏବଂ ଖରସୁଆ ରେଳଷ୍ଟେସନ ମଧ୍ୟରେ ଚକ୍ରଧରପୁର ରେଳ ଡିଭିଜନ ଅନ୍ତର୍ଗତ ପୋଟୋବେଡା ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ବି-୪ ବଗିରୁ ଉଦ୍ଧାରକାରୀମାନେ ୨ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଆହତ ଯାତ୍ରୀମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଏହି ଟ୍ରେନ୍‌ଟି ହାଓଡାରୁ ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ଯାଉଥିଲା । ଦୁର୍ଘଟଣପରେ ଘଟଣାସ୍ଥଳରେ ଉଦ୍ଧାରକାରୀ ଟ୍ରେନ୍

ପହଞ୍ଚିଛି । ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି । ଇତିମଧ୍ୟରେ ରେଳବିଭାଗ ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି । ଟାଟାନଗରଠାରେ ଖୋଲାଯାଇଥିବା ହେଲ୍ପ ଲାଇନ୍ ନମ୍ବର ହେଉଛି ୦୬୫୭-୨୨୯୦-୩୨୪ । ଚକ୍ରଧରପୁର ହେଲ୍ପଲାଇନ୍ ନମ୍ବର ହେଉଛି ୦୬୫-୮୭୨୩-୮୦୭୨ । ରାଉରକେଲାଠାରେ ୦୬୬୧-୨୫୦-୧୦୭୨ ଏବଂ ୦୬୬୧-୨୫୦୦-୨୪୪ । ରାଞ୍ଚିଠାରେ ୦୬୫୧-୨୭୮୭-୧୧ ଏବଂ ହାଓଡାଠାରେ ୯୪୩୩୩-୫୭-୯୨୦ ଓ ୦୩୩-୨୬୩୮-୨୨୧୭ ।

ରେଳ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଟାଟାନଗର-ଚକ୍ରଧରପୁର ରୁଟ୍‌ରେ ଅନେକଗୁଡ଼ିଏ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିବାବେଳେ କେତେକ ଟ୍ରେନ୍‌କୁ ସମ୍ପୂର୍ଣ୍ଣ ରୂପେ ବାତିଲ କରାଯାଇଛି ।

ଅନ୍ୟପକ୍ଷରେ ସେଠାରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ବସ୍ ସହାୟତାରେ ଦୁର୍ଘଟଣାସ୍ଥଳରୁ ନିକଟସ୍ଥ ରେଳଷ୍ଟେସନକୁ ନିଆଯାଉଥିବା ସୂଚନା ମିଳିଛି । ଇତିମଧ୍ୟରେ ୪ଜଣ ଆହତଙ୍କୁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି । ଅନ୍ୟ ଆହତ ଯାତ୍ରୀମାନଙ୍କୁ ସହାୟତା ଦେବା କାର୍ଯ୍ୟ ଜାରି ରହିଛି ।

## ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ଆଜି ଆଉଏକ ସଫଳତା ମିଳିଛି । ୧୦ମିଟର ବନ୍ଧୁକ ଚାଳନାରେ ଦଳଗତ ପର୍ଯ୍ୟାୟରେ ଭାରତର ମନୁ ଭାକର ଓ  ସରବଜୋତ ସିଂହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଉଭୟ ଦଳଗତ ପର୍ଯ୍ୟାୟରେ ଦକ୍ଷିଣ କୋରିଆର ଲି ଓ୍ୱାନ-ହୋ ଏବଂ ଓହ ୟେ-ଜିନ ଯୋଡ଼ିଙ୍କ ସହ ମୁକାବିଲା କରୁଥିଲେ । ଏହା ପୂର୍ବରୁ ମନୁ ଭାକର ପ୍ରଥମ ଭାରତୀୟ ମହିଳା ସୁଟର ଭାବେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲେ।

୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାସ୍ୱର୍ଣ୍ଣ ପଦକ ବିଜେତା ଶ୍ରେୟସୀ ସିଂହ ଏବଂ ଟ୍ରାପ୍‌ରେ କୋଟା ହାସଲ କରିଥିବା ରାଜେଶ୍ୱରୀ ସିଂହ ଗୋଟିଏ ସମୟରେ ଆଜି ନିଜର ଦୁଇ ଦିନିଆ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ କରିବେ।

ଅପରାହ୍ନ ୨ଟା ୧୦ମିନିଟ୍‌ରେ କ୍ୱାର୍ଟର ଫାଇନାଲରେ ପୁରୁଷ ସିଙ୍ଗଲ୍ସ ରୋଇଂରେ ବଲରାଜ ପନଓ୍ୱାର ସେମିଫାଇନାଲ ଖେଳିବେ ।

ଭାରତୀୟ ପୁରୁଷ ହକି ଦଳ ୨୦୧୬ ଅଲିମ୍ପିକ୍ସ ବିଜେତା ଆର୍ଜେଣ୍ଟିନା ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର କରିବା ପରେ ଆଜି ଅପରାହ୍ନ ୪ଟା ୪୫ମିନିଟରେ ପୁଲ-ବି ମ୍ୟାଚ୍‌ରେ ଆୟର୍ଲାଣ୍ଡ ସହ ମୁକାବିଲା କରିବେ । କ୍ୱାର୍ଟର ଫାଇନାଲ୍ ଆଶା ବଜାୟ ରଖିବାକୁ ହେଲେ ନିମ୍ନ ସ୍ଥାନରେ ଥିବା ଦଳ ବିପକ୍ଷରେ ଭାରତ ପାଇଁ ବିଜୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ତୀରଚାଳନାରେ ଭାରତୀୟ ପୁରୁଷ ଓ ମହିଳା ଦଳ ଖରାପ ପ୍ରଦର୍ଶନ ପରେ ବ୍ୟକ୍ତିଗତ ଇଭେଣ୍ଟରେ ବିଜୟ ହାସଲ ଲାଗି ଚେଷ୍ଟା କରିବେ। ଆଜି ଅପରାହ୍ନ ୫ଟା ୧୪ରୁ ଆରମ୍ଭ ହେବାକୁ ଥିବା ବ୍ୟକ୍ତିଗତ ଇଭେଣ୍ଟର ପ୍ରଥମ ରାଉଣ୍ଡରେ ସମସ୍ତ ୬ ଜଣ ତୀରନ୍ଦାଜ ଖେଳାଳି ଭାଗ ନେବେ।

## ଏଲ୍‌ଏସ୍ ବଜେଟ୍ ଉତ୍ତର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂଧ୍ୟାରେ ଲୋକସଭାରେ କେନ୍ଦ୍ର ବଜେଟ୍ ୨୦୨୪-୨୫ ଉପରେ ଚାଲିଥିବା ଆଲୋଚନାର ଉତ୍ତର ରଖିବେ । ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିର ପ୍ରଥମ ବଜେଟ୍‌କୁ ଗତ ୨୩ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଉପସ୍ଥାପନ କରିଥିଲେ । ଏଥିରେ କେନ୍ଦ୍ର ସରକାର ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ୯ଟି କ୍ଷେତ୍ରକୁ ପ୍ରାଥମିକତା ଦେଇଥିଲେ । ସେଗୁଡ଼ିକ ମଧ୍ୟରେ କୃଷି କ୍ଷେତ୍ରରେ ଉତ୍ପାଦକତା ଏବଂ ନମନୀୟତା, ନିଯୁକ୍ତି ଏବଂ କୌଶଳ, ସମାବେଶୀ ମାନବ ସମ୍ବଳ ବିକାଶ ଏବଂ ସାମାଜିକ ନ୍ୟାୟ, ଉତ୍ପାଦନ ଏବଂ ସେବା, ସହରାଞ୍ଚଳ ବିକାଶ, ଶକ୍ତି ସୁରକ୍ଷା, ଭିତ୍ତିଭୂମି, ନବସୃଜନ, ଗବେଷଣା ଏବଂ ବିକାଶ ଓ ପରବର୍ତ୍ତୀ ପୀଢ଼ିର ସଂସ୍କାର ଆଦି ଅନ୍ତର୍ଭୁକ୍ତ । ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଥିଲେ ଗରିବ, ମହିଳା, ଯୁବକ ଏବଂ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ

କେନ୍ଦ୍ର ସରକାର ପ୍ରାଥମିକ ଦେଇଛନ୍ତି । ଏହି କ୍ଷେତ୍ରଗୁଡ଼ିକ ଅଧୀନରେ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ଆବଶ୍ୟକ ପ୍ରୋତ୍ସାହନ ପାଇଁ ୩ଟି ଯୋଜନା ଘୋଷଣା କରାଯାଇଛି । ବଜେଟ୍ ଉପସ୍ଥାପନ ପରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଏହା ଉପରେ ଆଲୋଚନା ଜାରି ରହିଛି ।

## ଡିଜିଏଚ୍ଏସ୍-ହେଲ୍ଥ ମିଟ୍

କେବଳ ନିଦାନ ଏବଂ ଚିକିତ୍ସା ବିକଳ୍ପ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ରୋଗ ନିରାକରଣ ଦିଗରେ ସ୍ୱାସ୍ଥ୍ୟସେବା ସମ୍ବଳକୁ ଅଧିକ ବିନିଯୋଗ କରିବା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡକ୍ଟର ଅତୁଲ ଗୋୟଲ ଗୁରୁତ୍ୱ ଦେଇଛନ୍ତି । ଭାରତର ପ୍ରମୁଖ ପେସାଦାର ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ଏକ ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ଗୋୟଲ ଏହା କହିଛନ୍ତି । ବୈଠକରେ ଅଂଶଗ୍ରହଣକାରୀମାନେ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା, ରୋଗକୁ ରୋକିବା, ତମାଖୁ ଏବଂ ମଦ୍ୟପାନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ରଣନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ ପ୍ରୋତ୍ସାହନ ଘୋଷଣା ଗ୍ରହଣ କରିବା ଏବଂ ସ୍ୱାସ୍ଥ୍ୟ ପ୍ରୋତ୍ସାହନ ଧାରଣାକୁ ସମର୍ଥନ କରିବା ପାଇଁ ସମ୍ଭାବ୍ୟ ପଦକ୍ଷେପ ନେବାକୁ ବୃତ୍ତିଗତ ସଂସ୍ଥାଗୁଡ଼ିକ ସମ୍ମତି ପ୍ରକାଶ କରିଥିଲେ । ତମାଖୁ ବ୍ୟବହାର, ମଦ୍ୟପାନର ଅପବ୍ୟବହାର ଏବଂ ଅନ୍ୟାନ୍ୟ ବିପଦ କାରଣକୁ ହ୍ରାସ କରିବା ପାଇଁ

ଜନସଚେତନତା ଅଭିଯାନ, ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ ନୀତି ସମର୍ଥନ ଉପରେ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ପ୍ରୋତ୍ସାହନ ଉଦ୍ଦେଶ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହିତ ମିଳିତଭାବେ କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ପ୍ରତିଶ୍ରୁତି ଦେଇଛନ୍ତି ।

## ଭାରତ-ଶ୍ରୀଲଙ୍କା ତୃତୀୟ ଟି-୨୦

ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାରେ ଅଗ୍ରଣୀ ହାସଲ କରିଥିବା ଟିମ୍ ଇଣ୍ଡିଆ ଆଜି ସନ୍ଧ୍ୟା ୭ଟାରେ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚଳାଇଛି। ଶ୍ରୀଲଙ୍କାର ପାଲ୍ଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ।

ଦ୍ୱିତୀୟ ଟି-୨୦ରେ ଭାରତୀୟ ଦଳ ବିଜୟ ହାସଲ କରି ନୂଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ସିରିଜ୍ ଜିତିନେଇଛି। ସିରିଜ୍ ହାତରେ ଥିବାରୁ ଭାରତ ଏବେ ଫାଇନାଲ୍ ମ୍ୟାଚ୍ ଜିତି ୩-୦ରେ କ୍ଲିନ୍ ସ୍ୱିପ୍ କରିବାକୁ ଲକ୍ଷ୍ୟ ରଖିଛି।